




# ଅଧିକ ଅମଳକ୍ଷମ ସହଳ କିସମ ରୁଆ ଧାନ ସି ଆର ଧାନ ୩୧୮ ର ଚାଷ ପଦ୍ଧତି

ଏ. ଆନନ୍ଦନ, ଲୋଚନ କୁମାର ବୋଷ, ସି. ପରମେଶ୍ୱରନ, ଦ୍ୱିବେନ୍ଦୁ ଚାଟାର୍ଜି, ପ୍ରକାଶ ଚନ୍ଦ୍ର ରଥ, ପି. ପନିରସେଲଭମ, ଜି. ଗୁରୁ ପ୍ରସନ୍ନ ପାଣ୍ଡୀ, ଏସ .ଆର . ପ୍ରଭୁକାର୍ତ୍ତିକେୟନ, ବିସି ପାତ୍ର, ସିଦ୍ଧାର୍ଥ ପଣ୍ଡା, ଅରବିନ୍ଦ ମହାନ୍ତି, ଏମ. ବିନୋଦକୁମାର

ସି ଆର ଧାନ ୩୧୮ ଧାନ କିସମଟି ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ କରାଯାଇଛି । ଏହି ଧାନ କିସମଟି "ଜିଏସଆର ଆଇଆର ୧ -୮ -ଏସ୬-ଏସ୩-ୱାଇ୨" ଓ "ଜିଏସଆର ଆଇଆର ୧-୮-ୱାଇ୭-ଡି୨-ଏସ୧" ଧାନ କିସମର ସଙ୍ଗମ ଦ୍ୱାରା ବିକଶିତ ହୋଇଛି । ଏହା ପଶ୍ଚିମବଙ୍ଗ, ବିହାର, ଉତ୍ତରାଖଣ୍ଡ, ହରିଆଣାର ଜଳସେଚିତ ଅଂଚଳ ଗୁଡିକ ପାଇଁ କେନ୍ଦ୍ରିୟ କିସମ ଅନୁମୋଦନ ସବ କମିଟି ଦ୍ୱାରା ଅନୁମୋଦିତ ହୋଇଛି । ଏହି ଧାନ ଗଛ ଗୁଡିକ କମ ଉଚ୍ଚତା ବିଶିଷ୍ଟ ଏବଂ ଏହା ୧୧୮-୧୨୦ ଦିନ ମଧ୍ୟରେ ପରିପକ୍ୱ ହୋଇଥାଏ । ଏହାର ଉତ୍ପାଦନ କ୍ଷମତା ହେକ୍ଟର ପିଛା ୫.୨ ଟନ ଏବଂ ଏହା ମୂଳ ସଢା, ପତ୍ର ମୋଡା ରୋଗ ତଥା କାଣ୍ଡ ବିନ୍ଧା, ପତ୍ର ମୋଡା ପୋକକୁ ପ୍ରତିରୋଧ କରି ପାରେ । ସିଆର ଧାନ ୩୧୮ କୁ ଜଳସେଚିତ ଭୂମିରେ ନବୀନ ଧାନ କିସମ ବଦଳରେ ଲଗାଯାଇପାରିବ । ଏହା ଉଭୟ ରବି ଓ ଖରିଫ ଋତୁ ରେ ଚାଷ କରା ଯାଇପାରିବ ।

## ଚାଷ ପ୍ରଣାଳୀ

### ବିହନ ଚୟନ ଓ ମାତ୍ରା

- ଭରସାଯୋଗ୍ୟ ସ୍ଥାନରୁ ଆନୁବଂଶିକ ଶୁଦ୍ଧତା ବିଶିଷ୍ଟ ବିହନ ସଂଗ୍ରହ କରାଯିବା ଆବଶ୍ୟକ ।
- ଆବଶ୍ୟକ ପରିମାଣରେ ଲୁଣ ଦ୍ରବଣ ହୃଷ୍ଟପୃଷ୍ଟ ବିହନ ସଂଶୋଧନ ପାଇଁ ଦରକାର ପଡିଥାଏ । ଉପଯୁକ୍ତ ସାନ୍ଦ୍ରତା ପାଇଁ ୧.୦ ଲିଟର ପାଣିରେ ୬୦ ଗ୍ରାମ ସାଧାରଣ ଲୁଣକୁ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ ।
- ଲୁଣ ଦ୍ରବଣରେ ଧାନକୁ ବୁଡ଼ାଯାଏ, ଉପରେ ଭାସୁଥିବା ଅଳିଆ ଅଗାଡି ଆଦିକୁ ବାହାର କରି ଦିଆଯାଏ ଏବଂ ତାପରେ ଭଲ ପାଣିରେ ମଞ୍ଜିକୁ ଧୋଇ ବାହାର କରିଦିଆଯାଏ ।
- ରୁଆ ଧାନ ପାଇଁ ପ୍ରତି ହେକ୍ଟର ପିଛା ୩୦-୪୦ କି.ଗ୍ରା. ବିହନ ଆବଶ୍ୟକ ।

## ବିହନ ବିଶୋଧନ

- ପ୍ରତି କି.ଗ୍ରା. ବିହନ ପାଇଁ ବାଭିଷ୍ଟିନ କିମ୍ବା ଆଗ୍ରୋସାନ- ଜି.ଏନ. କିମ୍ବା ସେରେସାନ ୨ ଗ୍ରାମ ହିସାବରେ ଭଲଭାବରେ ଗୋଳାଇ ଦିଆଯାଏ । ଏଥିପାଇଁ ମଞ୍ଜି ଗୋଳାଇବା ଯନ୍ତ୍ର ବ୍ୟବହାର କରାଯାଇପାରିବ ।
- ଯଦି ତଳି ଶଯ୍ୟା ଆର୍ଦ୍ର ଥାଏ, ତାହେଲେ ବିହନ ଗଜା ହେବାପାଇଁ ରଖିବା ସମୟରେ ଏହାକୁ ବିଶୋଧନ କରା ଯାଇ ପାରିବ ।

## ବିହନ ବୁଣିବା ସମୟ

- ଖରିଫ ଋତୁ: ଜୁନ ମାସ ପ୍ରଥମ ସପ୍ତାହ ସୁଦ୍ଧା ତଳି ଶଯ୍ୟା ରେ ବିହନ ବୁଣାଯିବା ଉଚିତ ।
- ରବି ଋତୁ: ନଭେମ୍ବର ମାସ ଶେଷ ଓ ଡ଼ିସେମ୍ବର ମାସ ମଧ୍ୟ ଭାଗ ସୁଦ୍ଧା ତଳି ଶଯ୍ୟା ରେ ବିହନ ବୁଣାଯିବା ଉଚିତ ।

## ତଳିଘେରା ପ୍ରସ୍ତୁତି

- ତଳିଘେରା ଜମିକୁ ଭଲ ଭାବେ ଚାଷ କରି ସମତୁଲ କରାଯାଏ । ତଳିଘେରା ଜମିକୁ ଉଚ୍ଚ କରାଯାଇଥାଏ । ୧.୦ ମିଟର ପ୍ରସ୍ଥ ଏବଂ ଦରକାର ମୁତାବକ ଲମ୍ବା ରଖାଯାଏ । ଏକ ବେଡ଼ରୁ ଅନ୍ୟ ବେଡ଼ଟି ୪୦ ସେ.ମି. ଦୂରତା ବିଶିଷ୍ଟ ହୋଇଥାଏ । ପାଖାପାଖି ୧ ଏକର ଜମି ରୋଇବା ପାଇଁ ୧୦ ଡ଼ିସିମିଲ ଜମି ତଳିଘେରା ପାଇଁ ନିଆଯାଇଥାଏ ।

## ତଳିଘେରା ପରିଚାଳନା

- ବିହନ କୁ ୨୪ ଘଣ୍ଟା ପର୍ଯ୍ୟନ୍ତ ବତୁରାଯାଏ, ଜଳକୁ ଭଲଭାବେ ନିଷ୍କାସନ କରିବା ପରେ ମଞ୍ଜିକୁ ଗଜା କରିବା ପାଇଁ ଅଖା ଦ୍ୱାରା ଘୋଡେଇ ଦିଆ ଯାଏ ।
- ଗଜା ବାହାରିଥିବା ବିହନକୁ ତଳି ଘେରାରେ ବୁଣାଯାଏ ଏବଂ ତଳିଘେରା କୁ ୫-୭ ଦିନ ପର୍ଯ୍ୟନ୍ତ ଓଦା ରଖାଯାଏ ।
- ତଳି ୧ ଇଞ୍ଚ ଲମ୍ବା ହେବା ପର୍ଯ୍ୟନ୍ତ ପାଣିର ଏକ ପତଳା ସ୍ତର ରଖାଯାଇଥାଏ ।
- ତଳି ଓପାଡିବାର ୭ ଦିନ ପୂର୍ବରୁ ଆବଶ୍ୟକ ମାତ୍ରାରେ ସାର ବ୍ୟବହାର କରାଯାଏ ।

## ଜମି ପ୍ରସ୍ତୁତି

- ଜମିକୁ ଟ୍ରାକ୍ଟର ଚାଳିତ କିମ୍ବା ବଳଦଟଣା ଲଙ୍ଗଳ ଦ୍ୱାରା ଶୁଖିଲା ଅବସ୍ଥାରେ ହଳ କରାଯିବା ଉଚିତ ଓ ହଳ କରିବା ସମୟରେ ୫ ଟନ/ହେକ୍ଟର ହିସାବରେ ଗୋବର ଖତ ବ୍ୟବହାର କରାଯିବା ଉଚିତ ।
- ୭-୧୦ ଦିନ ଅନ୍ତରରେ ଜମିକୁ ଚାଷକରି ୨ ଥର କାଦୁଅ କରାଯାଏ, ଫଳରେ ଘାସ ନିୟନ୍ତ୍ରଣ ସହିତ ଖାଦ୍ୟସାରର ଉପଲବ୍ଧତା ବଢିଥାଏ । ମଇ ବ୍ୟବହାର କରି ଜମିକୁ ସମତୁଲ କରାଯିବା ଦ୍ୱାରା ଜମିରେ ପାଣି ସ୍ତର ସମାନ ରହେ ।

## ଧାନ ବୁଣିବା ସମୟ

- ବୁଣା ଧାନ ପାଇଁ ହେକ୍ଟର ପିଛା ୪୦-୫୦ କି.ଗ୍ରା. ବିହନ କୁ ଜୁନ ମାସ ୧-୧୫ ତାରିଖ ମଧ୍ୟରେ ବୁଣାଯାଏ ।

## ତଳି ରୁଆ ଓ ଲଗେଇବା ଦୂରତା

- ଖରିଫ ଋତୁ ପାଇଁ ଜୁଲାଇ ମାସ ମଧ୍ୟ ଭାଗ ଓ ରବି ଋତୁ ପାଇଁ ଜାନୁଆରୀ ମାସ ମଧ୍ୟ ଭାଗ ମଧ୍ୟରେ ତଳି ରୁଆ ଯାଇଥାଏ । ପ୍ରତି ବୁଦା ୨-୩ ଟି ତଳି ହିସାବରେ ୨୦×୧୫ ସେ.ମି. ବ୍ୟବଧାନରେ ଲଗାଯାଏ।
- ୭ ଦିନ ପରେ ଖାଲି ପଡିଥିବା ସ୍ଥାନ ମାନଙ୍କରେ ତଳି ଲଗେଇବା ଉଚିତ । ଦରକାର ପଡିଲେ ଖାଲି ସ୍ଥାନରେ ପିଲରେ ଥିବା ଧାନ ଗଛ ବ୍ୟବହାର କରି ତଳି ଦ୍ୱିତୀୟଥର ଲଗେଇବା ଉଚିତ।

## ରାସାୟନିକ ଖାଦ୍ୟସାର ପରିଚାଳନା

- ଯବକ୍ଷାରଜାନ: ଫସଫରସ: ପଟାସ କୁ ୮୦: ୪୦: ୪୦ କି.ଗ୍ରା. ପ୍ରତି ହେକ୍ଟର ହିସାବରେ ବ୍ୟବହାର କରାଯାଏ।
- ମୂଳ ସାର ରୂପେ ଯବକ୍ଷାରଜାନ ସାର ର ଅଧା, ପୂର୍ଣ୍ଣ ମାତ୍ରା ରେ ଫସଫରସ, ଦୁଇ ତୃତୀୟାଂଶ ପଟାସ ସାରକୁ ପ୍ରୟୋଗ କରାଯାଏ। ଅବଶିଷ୍ଟ ଯବକ୍ଷାରଜାନ ସାରକୁ ୨ ଭାଗ କରି ୧ ଭାଗ ରୋପଣର ୩ ସପ୍ତାହ ପରେ ଏବଂ ଅନ୍ୟ ଭାଗଟି ଥୋଡ ସାର ରୂପେ ପ୍ରୟୋଗ କରାଯାଏ । ବାକି ଥିବା ଦୁଇ ତୃତୀୟାଂଶ ପଟାସ ସାର ଥୋଡ ସାର ରୂପେ ପ୍ରୟୋଗ କରାଯାଏ।
- ଯବକ୍ଷାରଜାନ ସାରକୁ ପିଲ ଏବଂ ଥୋଡ ସାର ରୂପେ ବ୍ୟବହାର କରିବା ସମୟରେ ଜଳନିଷ୍କାସନ କରିବା ଏବଂ ସାର ପ୍ରୟୋଗର ୨୪-୩୬ ଘଣ୍ଟା ପରେ ପୁଣି ଜଳସେଚନ କରିବା ଉଚିତ।
- ପତ୍ର ରଙ୍ଗ ସାରଣୀ (ଲିଫ କଲର ଚାର୍ଟ) ବ୍ୟବହାର କରି ଉପଯୁକ୍ତ ମାତ୍ରାରେ ଯବକ୍ଷାରଜାନ ସାର ବ୍ୟବହାର କରାଯିବ ଉଚିତ।
- ଦସ୍ତା ଅଭାବ ଥିବା ଜମିରେ ହେକ୍ଟର ପିଛା ୨୫ କି.ଗ୍ରା ହିସାବରେ ମୂଳ ସାର ହିସାବରେ ଜ଼ିଙ୍କ ପ୍ରୟୋଗ କରାଯିବ ଦରକାର ।

## ଅନାବନା ଘାସ ନିୟନ୍ତ୍ରଣ

- ପ୍ରତି ହେକ୍ଟର ଜମି ପାଇଁ, ବିସପାଇରିବାକ ସୋଡ଼ିଅମ ୩୨୦ ମି.ଲି. କିମ୍ବା ଅଜିମସଲଫ୍ୟୁରାନ ୭୦ ଗ୍ରାମ କୁ ୫୦୦ ଲିଟର ପାଣିରେ ମିଶାଇ ତଳି ରୁଆ ହେବାର ୧୦ ଦିନ ପରେ ଛିଞ୍ଚିବା ଦ୍ୱାରା ଘାସ ନିୟନ୍ତ୍ରଣ କରାଯାଇପାରିବ।

## ଜଳ ପରିଚାଳନା

- ତଳି ରୋପଣ ଏକ ସପ୍ତାହ ପର୍ଯ୍ୟନ୍ତ ଜମି ଆର୍ଦ୍ର ରଖିବା ଦ୍ୱାରା ଗଛ ସୁଦୃଢ ରହେ।
- ଫସଲ ବୃଦ୍ଧି ସମୟ ଠାରୁ କ୍ଷୀର ଢୋକିବା ଅବସ୍ଥାର ୧୫ ଦିନ ପର୍ଯ୍ୟନ୍ତ ୩-୫ ସେ.ମି. ବିଶିଷ୍ଟ ଜଳସ୍ତର ଜମିରେ ରଖାଯାଏ । କିନ୍ତୁ ଶୀର୍ଷ ସାର ପ୍ରୟୋଗ ପୂର୍ବରୁ ଜଳ ନିଷ୍କାସନ କରାଯାଇଥାଏ ଏବଂ ୨୪-୩୬ ଘଣ୍ଟା ପରେ ଜଳସେଚନ କରାଯାଇଥାଏ।

## ରୋଗ ପୋକ ପରିଚାଳନା

- ନିୟମିତ ପର୍ଯ୍ୟବେକ୍ଷଣ ତଥା ଆବଶ୍ୟକତା ଅନୁସାରେ କୀଟନାଶକ ପ୍ରୟୋଗ ଦ୍ୱାରା ରୋଗ ପୋକ ନିୟନ୍ତ୍ରଣ କରାଯାଇପାରିବ।

- କୀଟନାଶକ ପ୍ରୟୋଗ କରିବା ସମୟରେ ପ୍ରତି ହେକ୍ଟର ୫୦୦ ଲିଟର ପାଣି ବ୍ୟବହାର କରାଯିବା ଉଚିତ।
- ପତ୍ରପୋଡ଼ା ରୋଗ ର ଲକ୍ଷଣ ଦେଖାଗଲେ, ଜଳ ନିଷ୍କାସନ କରି ହେକ୍ଟର ପିଛା ୨୦ କି. ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ ତଥା ପ୍ରତି ଲିଟର ପାଣିରେ ୧ ଗ୍ରା. ପ୍ଲାଣ୍ଟମାଇସିନ + ୩ ଗ୍ରା. କପର ଅକ୍ସିକ୍ଲୋରାଇଡ ମିଶାଇ ଛିଞ୍ଚନ୍ତୁ।
- ରବି ଋତୁ ରେ ହଳଦିଆ କାଣ୍ଡବିନ୍ଧା ପୋକ ମୁଖ୍ୟତଃ ଫସଲକୁ ଆକ୍ରମଣ କରିଥାଏ। ୨ ମି.ଲି. କ୍ଲୋରୋପାଇରିଫସ କୁ ୧ ଲିଟର ପାଣିରେ ମିଶାଇ ଦ୍ରବଣ ତିଆରି କରି ଧାନ ରୋପଣ ପୂର୍ବରୁ ଦ୍ରବଣରେ ତଳି ର ଚେରକୁ ବୁଡାଇ ସାରା ରାତି ରଖିବା ଉଚିତ।
- ତଳି ରୁଆ ହେବାର ୩୦ ଦିନ ପରେ ହେକ୍ଟର ପିଛା ୩୦ କି. ଗ୍ରା. ହିସାବରେ କାର୍ବୋଫ୍ୟୁରାନ ଗୁଣ୍ଡ ପ୍ରୟୋଗ ଦ୍ୱାରା କାଣ୍ଡବିନ୍ଧା ତଥା ଅନ୍ୟ ପୋକ ଗୁଡିକ ନିୟନ୍ତ୍ରଣ କରାଯାଇପାରିବ। କ୍ଲୋରାନଟ୍ରାନିଲିପୋର (ଫରଟେରା ୦.୪% ଜି. ଆର) କୁ ହେକ୍ଟର ପ୍ରତି ୧୦ କି. ଗ୍ରା. ପ୍ରୟୋଗ ଦ୍ୱାରା ମଧ୍ୟ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ କରାଯାଇପାରିବ।
- ୧ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପିଡ୍ କିମ୍ବା ୨ ମି.ଲି. କ୍ଲୋରୋପାଇରିଫସ ମିଶାଇ ପତ୍ର ଉପରେ ଛିଞ୍ଚିବା ଦ୍ୱାରା ଚକଡା ପୋକ, ମାଟିଆ ଗୁଣ୍ଡି ପୋକ, ପତ୍ରମୋଡା ପୋକ ଆଦି କୁ ନିୟନ୍ତ୍ରଣ କରାଯାଇପାରିବ।
- ରୋଗ ପୋକ ଆକ୍ରମଣରୁ ଫସଲକୁ ରକ୍ଷା କରିବା ପାଇଁ ହୁଡ଼ାବନ୍ଧ ଭଲଭାବେ ସଫା କରାଯିବା ଉଚିତ।

## ଅମଳ କରିବା ଶୁଖେଇବା ଏବଂ ସାଇତି ରଖିବା

- ଫୁଲ ଆସିବାର ୨୫ -୩0 ଦିନ ପରେ ଫସଲ କାଟିବା ଉଚିତ।
- ଧାନ କାଟିବା ପରେ ଅମଳ କରି ୧୨% ଆର୍ଦ୍ରତା ରହିବା ଯାଏଁ ଶୁଖାଇବା ପରେ ସଂରକ୍ଷଣ କରିବା ଉଚିତ।

# ଅଧିକ ଅମଳକ୍ଷମ ସହଳ କିସମ ରୂଆ ଧାନ ସି ଆର ଧାନ ୩୧୮ ର ଚାଷ ପଦ୍ଧତି


ଏନ. ଆର. ଆର. ଆଇ. ବୈଷୟିକ ଇସ୍ତାହାର : 181, ନଭେମ୍ବର ୨୦୨୧


©ସର୍ବସ୍ୱତ୍ୱ ସଂରକ୍ଷିତ: ଭା.କୃ.ଅନୁ.ପ.- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ


ସମ୍ପାଦନା : ଶ୍ରୀକାନ୍ତ ଲେଙ୍କା

भाकृअनुप
ICAR

An ISO 9001: 2015 Certified Institute

ଟାଇପ ସେଟ: ଭା.କୃ.ଅନୁ.ପ.- ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ (ଓଡିଶା) ୭୫୩୦୦୬
ପ୍ରକାଶକ: ନିର୍ଦ୍ଦେଶକ, ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ